# REGIONAL NEWS UNIT, AIR CUTTACK

## Midday Bulletin (2.32PM)

**31 May - 2026**

**********************************

## ମୁଖ୍ୟ ସମ୍ବାଦ

- କୃଷି ଅର୍ଥନୀତିକୁ ଗତିଶୀଳ କରିବାରେ ଆମ୍ବଚାଷୀଙ୍କ ଉଦ୍ୟମ ପ୍ରଶଂସାଯୋଗ୍ୟ; କହିଲେ ପ୍ରଧାନମନ୍ତ୍ରୀ

— ୧୩୪ତମ 'ମନ୍ କୀ ବାତ୍' ସଂସ୍କରଣରେ ଓଡ଼ିଶାର ବେଲପଣା ଓ ଖେଳାଳୀ ଅନିମେଷ କୁଜୁରଙ୍କୁ କଲେ ପ୍ରଶଂସା

- ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ସ୍ନାନଯାତ୍ରା ନୀତିକାନ୍ତି ନେଇ ଜିଲ୍ଲା ପୁଲିସ୍ ପ୍ରଶାସନ ପକ୍ଷରୁ ବୈଠକ ଅନୁଷ୍ଠିତ

- ତମାଖୁ ସେବନ ଏବଂ ଏହାର ସ୍ୱାସ୍ଥ୍ୟ ଅପକାରିତାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ତମାଖୁ ବର୍ଜନ ଦିବସ'

ଏବଂ

- କାଳବୈଶାଖୀର ପ୍ରଭାବରେ ତାପମାତ୍ରା ୪ ରୁ ୫ ଡିଗ୍ରୀ ହ୍ରାସ ପାଇବା ନେଇ ପାଣିପାଗ ବିଭାଗର ଅନୁମାନ

# ମନ୍ କି ବାତ୍

ଚଳିତ ଗ୍ରୀଷ୍ମଋତୁରେ ଦେଖାଦେଇଥିବା ପ୍ରବଳ ଗରମ ଓ ଗୁଳଗୁଳି ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । 'ଆକାଶବାଣୀର ମନ୍ କି ବାତ୍' ୧୩୪ତମ ସଂସ୍କରଣରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ  କହିଛନ୍ତି, ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଜାରି କରିଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ ହେବ। ଯଥେଷ୍ଟ ପାଣି ପିଇବା ସହିତ ପ୍ରବଳ ଖରା ସମୟରେ ଘରୁ ବାହାରକୁ ଯିବାବେଳେ ସତର୍କତା ଅବଲମ୍ବନ କରିବାକୁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାର ବେଲପଣାକୁ ପ୍ରଶଂସା କରି କହିଛନ୍ତି, ପ୍ରବଳ ଗରମ ଅନୁଭୂତ ସମୟରେ ବେଲପଣା ଥଣ୍ଡା ପାନୀୟ ସ୍ୱାସ୍ଥ୍ୟ ପାଇଁ ହିତକାରକ।

**-V/O- (ବେଲପଣା)**

ଗ୍ରୀଷ୍ମ ଋତୁରେ ଆମ୍ବର ଉତ୍ପାଦନ ଏବଂ ଏହାର ଗ୍ରହଣୀୟତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଅଞ୍ଚଳରୁ ଉତ୍ପାଦିତ ହେଉଥିବା ଆମ୍ବର ସ୍ୱତନ୍ତ୍ର ସ୍ୱାଦ ଓ ସୁଗନ୍ଧ ରହିଛି । ଏହି ଅବସରରେ ସେ ଦେଶର ବିଭିନ୍ନ ପ୍ରାନ୍ତରେ ଉତ୍ପାଦିତ ହେଉଥିବା ଆମ୍ବ ସମ୍ପର୍କରେ ତାଙ୍କ ସମ୍ବୋଧନରେ କହିଛନ୍ତି।

ଆମ୍ବ ଚାଷ ସହିତ ଜଡିତ ଚାଷୀଙ୍କ ଉଦ୍ୟମକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, କୃଷି ଅର୍ଥନୀତିକୁ ଗତିଶୀଳ କରିବାରେ ଏହା ବେଶ୍ ସହାୟକ ହେଉଛି । ଗ୍ରାମାଞ୍ଚଳରୁ ଆମ୍ବ ଏବେ ବିଶ୍ୱ ବଜାରରେ ପହଞ୍ଚିଛି ।

ନିକଟରେ ନେଦରଲ୍ୟାଣ୍ଡ୍ସ ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି, ଚୋଳ ଯୁଗର ପ୍ରାଚୀନ ତମ୍ବା ପାତ୍ରଗୁଡ଼ିକୁ ଭାରତକୁ ଫେରାଇ ଅଣାଯାଇଛି । ଏହି ତମ୍ବା ସାମଗ୍ରୀ ଗୁଡ଼ିକ ଚୋଳ ରାଜବଂଶର ସଫଳତାକୁ ବର୍ଣ୍ଣନା କରିବା ସହ ସେତେବେଳେ ନୌବାଣିଜ୍ୟ କେତେ ସଶକ୍ତ ଥିଲା ତାହା ପ୍ରତିପାଦନ ହୋଇଛି । ଦକ୍ଷିଣପୂର୍ବ ଏସୀୟ ଦେଶଗୁଡ଼ିକ ସହିତ ଚୋଳ ରାଜୁତିବେଳର ସମ୍ପର୍କ ଉପରେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି । ଦେଶର ଅମୂଲ୍ୟ ଐତିହ୍ୟ ସ୍ଥଳୀଗୁଡ଼ିକୁ ସଂରକ୍ଷିତ କରି ରଖିବାରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି କହିଛନ୍ତି ।

ଜ୍ଞାନ ଭାରତମ୍ ଅଭିଯାନ ଅଧୀନରେ ଛତିଶଗଡର ମଲ୍‌ହାରରେ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଶ୍ରୀ ମୋଦୀ ସୂଚନା ପ୍ରଦାନ କରିଛନ୍ତି । ଷଷ୍ଠ-ସପ୍ତମ ଶତାବ୍ଦୀରେ ପାଣ୍ଡୁବଂଶୀ ରାଜବଂଶର ମହର୍ଷି ବାଲାର୍ଜୁନଙ୍କ ସହ ସଂଶ୍ଲିଷ୍ଟ ୩ଟି ବିରଳ ତମ୍ବା ସାମଗ୍ରୀ ହସ୍ତଗତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଝାଡ଼ଖଣ୍ଡର ରାଞ୍ଚିରେ ସମ୍ପ୍ରତି ଅନୁଷ୍ଠିତ ଜାତୀୟ ବରିଷ୍ଠ ଦୌଡ଼କୁଦ ସଂଘ ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏଥିରେ ୮୦୦ଖେଳାଳି ବିଭିନ୍ନ ବର୍ଗରୁ ଅଂଶଗ୍ରହଣ କରିଥିଲେ ।

୪ଟି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ଖେଳାଳିଙ୍କୁ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ୧୦୦ମିଟର ଦୌଡ଼ ପ୍ରତିଯୋଗିତାରେ ନୂତନ

ରେକର୍ଡ ସ୍ଥାପନ କରିଥିବା ଗୁରିନ୍ଦର ବିର୍ ସିଂହ ଏବଂ ଓଡ଼ିଶାର ଖେଳାଳୀ ଅନିମେଶ କୁଜୁରଙ୍କ ସହ ଶ୍ରୀ ମୋଦୀ କଥାବାର୍ତ୍ତା କରିଛନ୍ତି । କାର୍ଯ୍ୟକ୍ରମ ସମୟରେ ଏହି ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କ ସହ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।

**V/O** (MKB-SPORTS-GRVINDAR-ANIMESH)

ପ୍ରଧାନମନ୍ତ୍ରୀ କହିଛନ୍ତି ଜ୍ୟୋର୍ତିବିଜ୍ଞାନ ସର୍ବଦା ଯୁବବର୍ଗଙ୍କ ପାଇଁ କୌତୁହଳ ସହିତ ଅନୁସନ୍ଧାନ ଦିଗରେ ପ୍ରେରଣା ପ୍ରଦାନ କରୁଛି । ଜ୍ୟୋର୍ତିବିଜ୍ଞାନ କ୍ଲବ ଦେଶବ୍ୟାପୀ କ୍ରମଶଃ ଲୋକପ୍ରିୟ ହେଉଛି । ଯୁବପିଢ଼ୀଙ୍କୁ ଏହି କ୍ଲବରେ ସଂଶ୍ଳିଷ୍ଟ ହେବା ସହ ଅବକାଶ ଦିନଗୁଡ଼ିକରେ ପ୍ଲାନେଟୋରିୟମ ପରିଦର୍ଶନ କରିବାକୁ ଅନୁରୋଧ କରିଛନ୍ତି ।

ବିଭିନ୍ନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ନାଗରିକଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ସମାଜ ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଲୋକଙ୍କଠାରୁ ଶିକ୍ଷାଲାଭ କରି ନିଜେ କିଛି ଭଲ କାର୍ଯ୍ୟର ଅଂଶ ହେବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

## ଏସ୍ଆଇଆର

ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆର.ଆର କାର୍ଯ୍ୟକ୍ରମ ଗତକାଲିଠାରୁ ଆରମ୍ଭ ହୋଇଛି । ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଭୋଟର କାର୍ଡରେ ଥିବା ତ୍ରୁଟି ସଂଶୋଧନ ପାଇଁ ଏସ୍.ଆଇ.ଆର. କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବୁଥ୍ସ୍ତରୀୟ ଅଧିକାରୀମାନେ ନିଜ ନିଜ ଅଂଚଳରେ ଘରକୁ ଘର ଯାଇ ଭୋଟରଙ୍କୁ ସ୍ୱତନ୍ତ୍ର

ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ନିର୍ବାଚନ କମିଶନଙ୍କର ୱେବ୍‌ସାଇଟ୍‌ରେ ମଧ୍ୟ ଏହି ଫର୍ମ ଉପଲବ୍ଧ ଅଛି। ପ୍ରଥମ ଦିନରେ ଗତକାଲି ୨ ଲକ୍ଷ ୫୯ ହଜାର ୧୬୬ ଜଣ ଭୋଟରଙ୍କୁ ଫର୍ମ ଦିଆଯାଇଥିବା ଜଣାପଡିଛି। ରାଜ୍ୟରେ ସ୍ୱିକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକ ତରଫରୁ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି।

**ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ଏସ୍.ଆଇ.ଆର. ବାବଦରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ନାୟକ ଶୁଭାରମ୍ଭ କରିଥିବା ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକ୍, ପଂଚାୟତ ଓ ସହରାଞ୍ଚଳ ବୁଲି ଭୋଟରମାନଙ୍କୁ ଏସ୍.ଆଇ.ଆର. ବାବଦରେ ସଚେତନ କରାଇବ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ଆସନ୍ତା ଜୁଲାଇ ମାସ ୧୬ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଜୁନ୍ ମାସ ୨୯ ତାରିଖରେ ସ୍ନାନଯାତ୍ରା ଏବଂ ନୀତିକାନ୍ତି ଶୃଙ୍ଖଳିତ କରିବା ନେଇ ଦଇତାପତି ନିଯୋଗ ସହିତ କିପରି ଉତ୍ତମ ସମନ୍ୱୟ ରହିବ; ସେ ସମ୍ପର୍କରେ ଆଜି ପୁରୀ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଇତାପତି ନିଯୋଗର ସଭାପତି, ସମ୍ପାଦକ ଏବଂ ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। ଠାକୁରଙ୍କର ପହଣ୍ଡି

ବିଜେ ନୀତି, ରଥଟଣା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବିସ୍ତୃତ ଭାବେ ବୈଠକରେ ଆଲୋଚନା ହୋଇଥିଲା।

ଅନ୍ୟପକ୍ଷରେ, ଆଜି ଅପରାହ୍ଣରେ ରଥଯାତ୍ରାକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଛତିଶାନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ମହାପ୍ରଭୁଙ୍କ ନୀତିକାନ୍ତିକୁ ଅନୁମୋଦନ ମିଳିବ।

# ବିଶ୍ୱ ତମାଖୁ ବର୍ଜନ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟପ୍ରତି ଏହାର କୁ-ପ୍ରଭାବ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତ ବର୍ଷର ବାର୍ତ୍ତା ରହିଛି **'ତମାଖୁର ଭ୍ରମାତ୍ମକ ଉଦ୍ଦେଶ୍ୟକୁ ଉଜାଗର କରିବା– ନିକୋଟିନ୍ ଏବଂ ତମାଖୁ ପରି ବଦଭ୍ୟାସର ମୁକାବିଲା କରିବା'।**

ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି । ସେଥିମଧ୍ୟରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍, ମୁଖଗହ୍ୱର ଏବଂ ଅଗ୍ନାଶୟରେ କର୍କଟ ରୋଗ ହେବାର ଆଶଙ୍କା ରହିଥାଏ ବୋଲି ବିଶେଷଜ୍ଞମାନେ ମତପ୍ରକାଶ

କରିଛନ୍ତି । କେବଳ ସିଗାରେଟ୍ ଧୂଆଁରେ ୧୫ ପ୍ରକାର କର୍କଟ ରୋଗ ସୃଷ୍ଟିକାରୀ ରାସାୟନିକ ପଦାର୍ଥ ଥିବା ବୈଜ୍ଞାନିକମାନେ କହିଥାନ୍ତି।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ, ଓଡ଼ିଶାରେ ୧୫ ବର୍ଷରୁ ଅଧିକ ୫୧ ପ୍ରତିଶତ ପୁରୁଷ ଓ ୨୬ ପ୍ରତିଶତ ମହିଳା ଯେକୌଣସି ପ୍ରକାର ତମାଖୁ ସେବନ କରିଥାନ୍ତି।

ତଥ୍ୟ ଅନୁସାରେ, ବିଶ୍ୱରେ ତମାଖୁ ସେବନ ଦ୍ୱାରା ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥାଏ। ସେଥିମଧ୍ୟରୁ ପରୋକ୍ଷ ଧୂମପାନ ଦ୍ୱାରା ୧୬ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ।

ବିଂଶ ଶତାବ୍ଦୀରେ ପ୍ରାୟ ୧୦୦ ନିୟୁତ ଲୋକଙ୍କର ମୃତ୍ୟୁ ତମାଖୁ ସେବନ କାରଣରୁ ହୋଇଥିଲା।

ତମାଖୁ ସେବନର ଅପକାରିତା ସମ୍ପର୍କରେ ବିଶିଷ୍ଟ ମଧୁମେହ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀଧର ଷେଣ୍ଡ ଆକାଶବାଣୀକୁ କହିଛନ୍ତି....

**- V/O -**

ଓଡ଼ିଶାକୁ ତମାଖୁ ମୁକ୍ତ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ବିଶ୍ୱ ତମାଖୁ ବର୍ଜନ ଦିବସରେ ଆହ୍ୱାନ ଦେଇଛନ୍ତି।

**ସ୍ୱାସ୍ଥ୍ୟମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗ ତମାଖୁ ସେବନର ଅପକାରିତା ସମ୍ପର୍କରେ ନିଜେ ସଚେତନ ହେବା ସହିତ ଅନ୍ୟକୁ ସଚେତନ କରିବା ଲାଗି ପରାମର୍ଶ ଦେଇଛନ୍ତି ।

# ପାଣିପାଗ

ପଡୋଶୀ ରାଷ୍ଟ୍ର ପାକିସ୍ତାନର କେନ୍ଦ୍ର ଭାଗ ଉପରେ ରହିଥିବା ଘୂର୍ଣ୍ଣିବଳୟ ଦେଇ ଏକ ଟ୍ରମ୍ଫଲାଇନ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଦେଇ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ ଲମ୍ବିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ଜାରି ରହିଛି । ଆସନ୍ତା ଦୁଇ ତିନି ଦିନ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ଲାଗି ରହିବ ଏବଂ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।